# Akashvani, Sambalpur

## SAMBALPURI NEWS EVENING BULLETIN

## 22 August 2024- 7.02 pm- 7.12 pm.

*********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ଦିନ ମହାରାଷ୍ଟ୍ରର୍ ଜଲ୍‌ଗାଓଁନୁ ଲଖ୍‌ପତି ଦିଦିମାନ୍‌କର୍ ସାଙ୍ଗେ କର୍‌ବେ କଥାବାର୍ତା ।

- ଇ ଅବ୍‌ସରେ ସ୍ୱୟଂ ସହାୟକ ଗୋଷ୍ଠୀ ଲାଗି ୫ ହଜାର୍ କୋଟି ଟଙ୍କାର୍ କର୍‌ବେ ରଣ ମଞ୍ଜୁର୍ ।

୨- ବିଧାନ୍‌ସଭାର୍ ୩ ନମ୍ବର୍ ଦିନେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଖର୍ଚ୍ଚ ଦାବି ଉପ୍‌ରେ ହେଲା ଆଲୋଚନା ।

୩- ରାଜ୍ୟସଭା ଉପନିର୍ବାଚନ୍ ଲାଗି ଓଡ଼ିଶାର୍ ୨ ଝନ୍ ପ୍ରାର୍ଥୀଙ୍କର୍ ପ୍ରାର୍ଥୀପତ୍ର ରହିଛେ କାଏମ୍ ।

ଆଉର୍

୪- ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ବଢୁଛେ ପାଏନ୍- ଖୁଲାଯାଇଛେ ୬ ଟା ଗେଟ୍ ।

ଲଖ୍‌ପତି ଦିଦି ସାର୍ଟିପିକେଟ          ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ଦିନ ମହାରାଷ୍ଟ୍ରର୍ ଜଲ୍‌ଗାଓଁ ନୁ ଲଖ୍‌ପତି ଦିଦି ମାନ୍‌କର୍ ସାଙ୍ଗେ କଥାବାର୍ତା ହେବେ । ଇତାର୍‌ସହେତେ ୧୧ ଲାଖ୍ ନୂଆଁ ଲଖ୍‌ପତି ଦିଦିଙ୍କୁ ସାର୍ଟିପିକେଟ୍ ଦେବେ । ଇ ବାବ୍‌ଦେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ୍, କୃଷି ଆଉ କୃଷକ୍ କଲ୍ୟାଣ୍‌ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କହିଛନ୍ । ନୂଆଦିଲ୍ଲୀ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି  ଶ୍ରୀ ଚୌହାନ୍ କହିଛନ୍ ଯେ, ଇ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ୫ ହଜାର୍ କୋଟି ଟଙ୍କାର୍ ବେଙ୍କ୍ ଋଣ ଭିଲ୍ ମଞ୍ଜୁର୍ କର୍‌ବେ । ଯେନ୍‌ଥିର୍‌ଲାଗି ୨୫ ଲାଖ୍ ୮ ହଜାର୍ ସଭ୍ୟ ଆଉ ୨ ଲାଖ୍ ୩୫ ହଜାର୍ ୪ ଶହ ସ୍ୱୟଂ ସହାୟକ ଗୋଷ୍ଠୀ ଲାଭ୍ ପାଏବେ । ୩୪ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ପ୍ରଦେଶ୍‌ର ପାଖାପାଖି ୩୦ ହଜାର୍ ଜାଗା ନ ପ୍ରଧାନ୍‌ମନ୍ତ୍ରୀ ଆଭାସୀ ଜରିଏ ଇ କାର୍ଯ୍ୟକ୍ରମ୍‌ଥି ଜୁଡ଼ିହେବେ ବଲି ଶ୍ରୀ ଚୌହାନ୍ କହିଛନ୍ ।

ବିଧାନ୍‌ସଭା-୧          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଚିକିଟି ମଦମୃତ୍ୟୁ ଘଟ୍‌ନାକେ ନେଇକରି ଆଏଜ୍ ବିଧାନ୍‌ସଭା ଅଧିବେଶନ୍‌ର ସଖାଲ୍‌ବେଲା ସୁରୁଖୁରୁଥି ନାଇଁ ଚାଲିଥିବାର୍ ବେଲେ ଉପର୍‌ବେଲା ଭିଲ୍ ବିରୋଧୀ ଦଲ୍ ମାନେ

କିର୍ଲାଗଗା କରିଛନ୍ । ଦିନର୍ ୪ ବଜେ ଆଏଜ୍ ଗୃହ କାର୍ଯ୍ୟ ମୁଲ୍ ହେବାର୍ ଖିନ୍ ବିରୋଧୀ ବିଜେଡ଼ି ଆର୍ କଂଗ୍ରେସ୍ର ସଦସ୍ୟମାନେ ଗୃହର୍ ମଝିକେ ଆସିକରି କିର୍ଲାଗଗା କରିଥିଲେ । ଇତାର୍ ଉତାରୁ ସେମାନେ କକ୍ଷତ୍ୟାଗ କରିଥିଲେ । ଦୁହି ବିରୋଧୀ ଦଲର୍ ଅନୁପସ୍ଥିତିଥି ଉପର୍ବେଲା ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ର ଖର୍ଚ୍ଚଦାବି ଆଲୋଚନା ହେଇଥିଲା । ସେନ୍ତା ବିଭାଗୀୟ ମନ୍ତ୍ରୀ ସୁରେଶ୍ ପୂଜାରୀ ବିଧାୟକ୍ମାନେ ଉଠେଇଥିବାର୍ ପ୍ରଶ୍ନର୍ ଉତର୍ ଦେଇଛନ୍ ।

ଆଏଜ୍ ସଖାଲ୍ବେଲା ବିଜେଡ଼ି ଚିକିଟି ମଦମୃତ୍ୟୁ ଆଉ କଂଗ୍ରେସ୍ ବିଧାୟକ୍ମାନେ ଇଡି ଚଢ଼ଉକେ ନେଇକରି ଗୃହ ନ କିର୍ଲାଗଗା କରିଥିଲେ । ବିଧାନ୍ସଭା ସଖାଲ୍ବେଲା ଖାଲି ୧୧ ମିନିଟ୍ ଚାଲ୍ବାର୍ ଉତ୍ରୁ ବାଚସ୍ପତି ଉପର୍ବେଲାତକ୍ ଗୃହକେ ମୁଲ୍ତବୀ ରଖିଥିଲେ । ଉପର୍ବେଲା ଗୃହକାର୍ଯ୍ୟ ଆରମ୍ଭ୍ ହେବାର୍ ଖିନ୍ ବିରୋଧୀ ବିଜେଡ଼ି ଆର୍ କଂଗ୍ରେସ୍ ଚିକିଟି ମଦମୃତ୍ୟୁ ଘଟ୍ନାଥି ଅବକାରୀ ମନ୍ତ୍ରୀଙ୍କର୍ ଇସ୍ତଫା ଦାବି କରିକରି ଗୃହର୍ ମଝିକେ ଆସିକରି କିର୍ଲାଗଗା କରିଥିଲେ । ଇତାର୍ଉତ୍ରୁ ଦୁହି ଦଲର୍ ବିଧାୟକ୍ମାନେ କକ୍ଷତ୍ୟାଗ କରିଥିବାର୍ ବେଲେ ବିଜେଡ଼ି ବିଧାୟକ୍ମାନେ ବିଧାନ୍ସଭା ପରିସର୍ ନ ଥିବା ଗାନ୍ଧୀମୂର୍ତି ତଲେ ଧାରଣା ଦେଇଥିଲେ ।

ବିଧାନ୍ସଭା- ରାଜସ୍ୱ ବିପର୍ଯ୍ୟୟ ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ୧୪ ଟା ଜିଲ୍ଲା ଭୂମିକମ୍ପ ପ୍ରବଣ ଜୋନ୍-୩ ଭାବେ ଚିହ୍ନଟ୍ ହେଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ବିଧାନ୍‌ସଭାଥି ଆଏଜ୍ ଇ ବାବ୍‌ଦେ ସେ କହିଛନ୍ ଯେ, ଜୋନ୍-୩ ଥି ଥିବାର୍ ଇଲାକାମାନ୍‌କୁ ଭୂମିକମ୍ପ ପ୍ରଭାବିତ ମଧ୍ୟମ୍ କ୍ଷୟକ୍ଷତି ଜାଗା ଭାବେ ଧରାଯାଇଛେ । ଇ ଜିଲ୍ଲାମାନ୍‌କ୍‌ର୍ ଭିତ୍‌ରେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, ବର୍‌ଗଡ୍, ଜଗତ୍‌ସିଂହପୁର୍, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, କଟକ୍, ଯାଜ୍‌ପୁର୍, ଢେଙ୍କାନାଲ୍, ଅନୁଗୁଲ୍, ବାଲେଶ୍ୱର୍ ଆର୍ ମୟୁର୍‌ଭଞ୍ଜ୍ ରହିଛେ । ରାଜ୍ୟର୍ ଅଲ୍‌ଗା ଇଲାକାମାନ୍ ନିମ୍ନ କ୍ଷୟକ୍ଷତି ସମ୍ପନ୍ନ ଭୂମିକମ୍ପ ଜୋନ୍- ୨ ଭାବେ ତାଲିକାଭୁକ୍ତ ହେଇଛେ ବଲି ସେ କହିଛନ୍ । ଗଜପତି ଜିଲ୍ଲା ନ ଶହେ ୨୯ ଟା ସମ୍ଭାବ୍ୟ ଭୂସ୍ଖଳନ ଜାଗାକେ ଭିଲ୍ ଚିହ୍ନଟ୍ କରାଯାଇଛେ । ସେ କହିଛନ୍ ଯେ, ଭୂସ୍ଖଳନ ପ୍ରଭାବ୍‌କେ କମାବାର୍ ଲାଗି ଭିନ୍ ଭିନ୍ ବିଭାଗ୍, ଭାରତୀୟ ପାଣିପାଗ୍ ବିଭାଗ୍ ଆର୍ କେରଳର ଅମୃତା ବିଶ୍ୱବିଦ୍ୟାପୀଠମ୍ ଭିତ୍‌ରେ ଲଗାତାର୍ ବୈଠକ୍ ଜରିଏ ବିଚାର୍ ଆଲୋଚନା କରାଯାଉଛେ । ଇ ବାବ୍‌ଦେ ଗୁଟେ ସର୍ଭେ ରିପୋର୍ଟ ତିଆରି କର୍‌ବାର୍‌କେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଆଉ ଅମୃତା ବିଶ୍ୱବିଦ୍ୟାପୀଠ ଭିତ୍‌ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ଗୃହ ନ ସୂଚ୍‌ନା ଦେଇଛନ୍ ।

ପଶୁଗଣ୍‌ନା          ଆର୍‌ଏନ୍‌ୟୁ/ କଟକ୍‌

ରାଏଜେ ଇ ଆର୍ଥିକ୍ ବଛର୍‌ର ପଶୁଗଣ୍‌ନା କାମ୍ ଆଏବା ୧ ତାରିଖ୍‌ନୁ ମୁଲ୍ ହେବା । ମତ୍ସ୍ୟ ଆଉ ପଶୁସମ୍ପଦ୍ ବିକାଶ୍‌ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍ ଯେ, ଗଲା ୨୦୧୯ ମସିହାଥି ଶେଷ୍‌ଥର୍ ଲାଗି ଜିଲ୍ଲାଓ୍ୱାରି ପଶୁ ଗଣନା କରାଯାଇଥିଲା । ହେଲେ ରାଏଜେ ନୂଆଁ ପଶୁ ଚିକିତ୍ସାଳୟ ପ୍ରତିଷ୍ଠା ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ କେନ୍‌ସି ପ୍ରସ୍ତାବ୍ ନାଇଁନ ବଲି ଶ୍ରୀ ମଲ୍ଲିକ୍ କହିଛନ୍ ।

ରାଜ୍ୟସଭା ନାମାଙ୍କନ୍ ପତ୍ର କାଏମ୍       ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ରାଜ୍ୟସଭା ଉପନିର୍ବାଚନ୍ ଲାଗି ଗଲାକାଏଲ୍ ବିଜେପିର୍ ମମତା ମହନ୍ତ ଆର୍ ସ୍ୱାଧୀନ୍ ଭାବେ ନାମାଙ୍କନ୍ ଦାଖଲ୍ କରିଥିବା ଜଗନ୍ନାଥ ପ୍ରଧାନ୍‌ଙ୍କର୍ ପ୍ରାର୍ଥୀପତ୍ର କାଏମ୍ ରହିଛେ । ଆଏବା ୨୭ ତାରିଖ୍ ଭିତ୍‌ରେ ପ୍ରାର୍ଥୀମାନେ ତାଙ୍କର୍ ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍ କରିପାର୍‌ବେ । ଇତାର୍‌ଉତ୍‌ରୁ ଦର୍‌କାର୍ ହେଲେ ସେପ୍ଟେମ୍ବର୍ ୩ ତାରିଖ୍ ଦିନ ଭୋଟ୍ ହେବା ।

ମଦମୃତ୍ୟୁ ମାମ୍ଲା        ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାର୍ ଚିକିଟି ମଦମୃତ୍ୟୁ ମାମ୍ଲାର୍ ଆର୍ଡିସି ତଦନ୍ତ୍ ଲାଗି ନିଷ୍ପତି ନେଇଛନ୍ । ଅବକାରୀ ଆଡ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଇ ବାବ୍ଦେ ସୂଚ୍ନା ଦେଇକରି କହିଛନ୍ ଯେ, ୨ ମାସ୍ ଭିତ୍ରେ ମାମ୍ଲାର୍ ତଦନ୍ତ୍ ରିପୋର୍ଟ ତିଆର୍ କର୍ବାର୍କେ ଆର୍ଡିସିଙ୍କୁ କୁହାଯାଇଛେ । ସେ କହିଛନ୍ ଯେ, ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଏଛେନ୍ ଚୋରା ମଦ୍ଭାଟି ଉପ୍ରେ ଚଢ଼ଉ ଜାରି ରହିଛେ । ଏବ୍ତକ୍ ଚୋରାମଦ କାର୍ବାର୍ଥି ସାମିଲ୍ ଶହେ ୧୭ ଝନ୍କୁ ଗିରଫ୍ କରାଯାଇଛେ । ଚୋରା ମଦ୍ କାର୍ବାର୍ ପୁରା ବନ୍ଦ୍ କର୍ବାର୍କେ ରାଜ୍ୟ ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି ଶ୍ରୀ ହରିଚନ୍ଦନ୍ କହିଛନ୍ । ସେଆଡ଼େ ଇ ଘଟ୍ନାଥି ୨ ଝନ୍ ଅବକାରୀ ଅଧିକାରୀଙ୍କୁ ନିଲମ୍ବନ୍ କରାଯାଇଥିବାର୍ ବେଲେ ଅଧିକ୍ଷକଙ୍କୁ ବଦ୍ଲି କରାଯାଇଛେ । ଇ ଘଟ୍ନାଥି ଗଲା ସଞ୍ଜ୍ବେଲେ ଆଉ ଝନ୍କର୍ ଜୀବନ୍ ଯାଇଛେ । ଡାକ୍ତର୍ଖାନା ନ ଏଛେନ୍ ଭିଲ୍ ୧୩ ଝନ୍ ଚିକିତ୍ସାଧୀନ୍ ଥିବାର୍ ଜନାପଡ଼ିଛେ ।

ସୂର୍ଯ୍ୟଘର -ବିଧାନ୍ସଭା        ଆର୍ଏନ୍ୟୁ /ସମ୍ବଲପୁର

ପି.ଏମ୍. ସୂର୍ଯ୍ୟଘର୍ ମୁକ୍ତ ବିଜୁଳି ଯୋଜ୍‌ନାଥି ୨୦୨୬-୨୭ ତକ୍ ଦେଶର୍ ୧ କୋଟି ଆବାସିକ କୋଠାକେ ସୌରଶକ୍ତି ପେନାଲ୍ ସଂଯୋଗ୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଇଥି ଓଡ଼ିଶା ନ ୩ ଲାଖ୍ ଘର୍‌କେ ସୌରଶକ୍ତି ସୁବିଧା ସହେତେ ଜୁଡ୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୩ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି

ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାୟାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାୟିବା ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସୁବର୍ଣ୍ଣପୁର୍ ସମ୍ବାଦଦାତା

ଆଏବା ମାସ ୫ ତାରିଖ୍ ଦିନ ପବିତ୍ର ଗୁରୁଦିବସ୍ ପାଲନ୍ କର୍‌ବାର୍ ଆଉ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଦିଆୟିବାର୍ କାର୍ୟ୍ୟକ୍ରମ୍ ବାବ୍‌ଦେ ସୁବର୍ଣ୍ଣପୁର୍ ଜିଲ୍ଲା ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇୟାଇଛେ । ଜିଲ୍ଲା ମୁଖ୍ୟ ଉନ୍ନୟନ୍ ଅଧିକାରୀ ଅଶ୍ୱିନୀ କୁମାର୍ ମେହେର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଇ ବଛର୍ ଦିଆୟାଉଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଯୋଜ୍‌ନାଥି ସୁବର୍ଣ୍ଣପୁର୍ ଜିଲ୍ଲା ନ ୬ ଶହ ୫୬ ଝନ୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ଇ ପୁରସ୍କାର୍ ପାଏବାର୍ ଲାଗି ଯୋଗ୍ୟ ବିବେଚିତ ହେଇଥିବାର୍ ଜନାପଡ଼ିଛେ । ସେନ୍ତା ଜିଲ୍ଲାର୍ ୨୭ ଝନ୍‌କୁ ମୁଖ୍ୟମନ୍ତ୍ରୀ ଭାଷା ବୃତି ପୁରସ୍କାର୍ ଭିଲ୍ ଦିଆୟିବା । ଜିଲ୍ଲାସ୍ତର୍‌ଥି ପୁରସ୍କାର୍ ୧୦ ହଜାର୍ ଟଙ୍କା, ବ୍ଲକ୍‌ସ୍ତର୍‌ଥି ୫ ହଜାର୍ ଆର୍ ମେରିଟ୍ ସ୍କଲାର୍‌ସିପ୍ ଲାଗି ୫୦ ହଜାର୍ ଟଙ୍କା ଦିଆୟିବା । ଇ କାର୍ୟ୍ୟକ୍ରମ୍ ଜିଲ୍ଲାସ୍ତର୍‌ଥି ଦିନର୍ ୧୦ ବଜେ ମୁଲ୍ ହେବା ।

## ବିଦ୍ୟୁତ୍ ଯୋଗାଣ ବନ୍ଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ସହରର୍ ଅଇଁଠାପାଲି ପାଖର୍ ୩୩ କେଭି ଫିଡ଼ର୍ ଲାଇନ୍‌ର ଦେଖ୍‌ରେଖ୍ କାମ୍ ଲାଗି ଆଏବା ଶନିବାର୍ ଦିନ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ସମ୍ବଲ୍‌ପୁର୍ ସହରର୍ ଅଇଁଠାପାଲି, କାଇଁସିର୍, ଭାଲୁପାଲି, ବୁଢ଼ାରଜା, ପ୍ରଧାନ୍‌ପଡ଼ା, ଅନୁଗୁଲିଆପଡ଼ା, ଏସ୍‌ଆର୍‌ଆଇଟି କଲୋନୀ, ଜଗନ୍ନାଥ କଲୋନୀ, ଫାଟକ୍, ଚେରୁଆପଡ଼ା, ବଲ୍‌ବସ୍‌ପୁର୍, ସମଲେଇମନ୍ଦିର ଏରିଆ, ପଟ୍ଟନାୟକ୍‌ପଡ଼ା, ଲେବର୍‌କଲୋନୀ, ମୁଦିପଡ଼ା, ରେଲ୍‌ୱେ କଲୋନୀ, ବଡ଼ବଜାର୍ , ବଙ୍ଗାଲୀପଡ଼ା, ଲକ୍ଷ୍ମୀଡୁଙ୍ଗୁରି, ଦୁର୍ଗାପାଲି, ସହଯୋଗ୍‌ନଗର୍, ରେମେଡ୍, ବରେଇପାଲି ଆର୍ କ୍ଷେତ୍‌ରାଜ୍‌ପୁର୍ ଆର୍ ଆଖର୍‌ପାଖର୍ ଇଲାକା ନ ସେ ଦିନ ସଖାଲର୍ ୮ ବଜୁ ଦିନର୍ ୨ ବଜେତକ୍ ପାଓ୍ୱାର୍‌କଟ୍ ହେବା ।

ବୌଦ୍ଧ-ବୃକ୍ଷରୋପଣ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା, ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍, ଉପ ଜିଲ୍ଲାପାଲ୍ ପ୍ରଭାସ୍ କୁମାର୍ ଡନ୍‌ସନା ଆର୍ ଜିଲ୍ଲା ପରିଷଦ୍ କାର୍ଯ୍ୟାଳୟର୍

କର୍ମଚାରୀମାନେ ଯୋଗ୍ ଦେଇକରି ଚାରାରୋପଣ୍ କରିଥିଲେ ।

ନୂଆପଡ଼ା-ବୃକ୍ଷରୋପଣ୍ ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଡିଗ୍ରୀ ମହିଳା ମହାବିଦ୍ୟାଳୟ ପରିସର୍ ନ ଜାତୀୟ ସେବା ଯୋଜ୍ନା ତର୍ଫୁ ୭ ଦିନ୍ ହେଲା ଚାଲିଥିବା ମେଗା ବୃକ୍ଷରୋପଣ୍ ଶିବିର ଉଦ୍ଯାପିତ୍ ହେଇଯାଇଛେ । ଇ ସମିଆଥି ୨ ଶହ ଫଲ୍ ଚାରା ଲଗାଯାଇଛେ ।

ସେନ୍ତା ଖଡ଼ିଆଲ୍ ବ୍ଲକ୍ର ଚନାବେଡ଼ା ଗ୍ରାମ୍ପଂଚାୟତ୍ ନ ୧ ହଜାର୍ ଚାରା ଲଗାବାର୍ କାମ୍ର ଶୁଭାରମ୍ଭ କରାଯାଇଛେ । ଖଡ଼ିଆଲ୍ ବ୍ଲକ୍ର ୨୬ ଟା ପଂଚାୟତ୍ ନ ୨୬ ହଜାର୍ ଚାରାରୋପଣ୍ କର୍ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ ।

ହୀରାକୁଦ୍ ଜଲ୍ଭଣ୍ଡାର୍ ସମ୍ବଲ୍ପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍କେ ଉପର୍ମୁଣ୍ଡୁ ପାଏନ୍ ଆସୁଥିବାର୍ନୁ ଜଲ୍ସ୍ତର୍ ବଢୁଛେ । ହେଥିର୍ଲାଗି ୬ ଟା ସ୍ଲୁଇସ୍ ଗେଟ୍ ଖୁଲାଯାଇକରି ମହାନଦୀକେ ପାଏନ୍ ଛଡ଼ାଯାଉଛେ । ଜଲ୍ଭଣ୍ଡାର୍କେ ଫି ସେକେଣ୍ଡ୍ଥି ୯୮ ହଜାର୍ ୯ ଶହ ୫

ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲ୍‌କେ ୬ ଟା ଗେଟ୍, ପାୱାର୍‌ଚେନାଲ୍ ଆର୍ ଭିନ୍ ଭିନ୍ କେନାଲ୍ ଦେଇକରି ଲାଖେ ୩୨ ହଜାର୍ ୪୩ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଆଏଜ୍ ଉପର୍‌ବେଲା ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୧ ଦଶ୍‌ମିକ୍ ୪ ଫୁଟ୍ ରହିଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ମୌସୁମୀ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ୪ ଦିନ୍‌ତକ୍ ମଧମ୍‌ନୁ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଅଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସୂଚ୍‌ନା ଦେଇଛେ । ଝାର୍‌ଖଣ୍ଡ୍ ଆର୍ ତାର୍ ଆଖର୍‌ପାଖର୍ ଇଲାକାଥି ଘୂର୍ଣ୍ଣିବଲୟ ସକ୍ରିୟ ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ବର୍ଷା ଆଉ ଚଡ଼କ୍ ମାର୍‌ବାର୍ ସମ୍ଭାବନା ଥିବାର୍‌ନୁ ୧୫ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।